# ମୁକ୍ତି ସୂର୍ଯ୍ୟ ସ୍ମରଣିକା

କବି ରଘୁନାଥ ଦାସ

ମୁଁ ଜଣେ ବେନଂବରୀ ଡ଼ାକ୍ତର:

ରକ୍ତପୂଜ ନିରୀକ୍ଷା ଲାଗି

ଦିନରାତି ଖୋଲା

ମୋ କ୍ଲିନିକାଲ୍ ଲାବରେଟେରୀରେ

ତୁମ ସ୍ବାସ୍ଥ୍ୟ ଘେନି ନାନା ଗୋପନୀୟ ତଥ୍ୟ

ମୁଁ ରେକର୍ଡ଼ କରି ଚାଲିଛି ଅବିଶ୍ରାନ୍ତ ।

ମୋ ଟେଷ୍ଟଟ୍ୟୁବ୍‌ରେ

ରଙ୍ଗିନ୍ ହୋଇ ଉଠନ୍ତି

ତୁମ ଧମନିରେ ନୃତ୍ୟରତ

ସିଫିଲ୍‌ସ ଜୀବାଣୁଙ୍କ କାବାରେଟ୍ ।

ମୋ ମାଇକ୍ରୋସ୍କୋପର ରଜତପର୍ଦ୍ଦାରେ

ସେମାନଙ୍କୁ ମୁଁ ଦେଖିପାରେ,

ସେମାନଙ୍କୁ-ଯେଉଁମାନେ

ପ୍ରଚୁର ପିଇବାକୁ ପ୍ରଲୋଭିତ କରି

ତୁମକୁ ବୁଜ୍ କରିପକାନ୍ତି,

www.jataayu.org

# ମୁକ୍ତି ସୂର୍ଯ୍ୟ ସ୍ମରଣିକା

କବି ରଘୁନାଥ ଦାସ

ତୁମେ କାମତୁରା ହୋଇଉଠ,

ଉଲଗ୍ନ ହୋଇ ପଡ଼ିରହ

ଆଉ ସେମାନେ ମାରାଇନ୍ ଡ୍ରାଇଭ୍‌ରେ

ତୁମ ଫ୍ଲାଟରେ ଷ୍ଟ୍ରଙ୍ଗରୁମ୍‌କୁ ଲୁଣ୍ଠନ କରନ୍ତି ।

ମୋ ଏକ୍ସ-ରେ ପ୍ଲେଟ୍‌ରେ ଧରାପଡ଼େ

ଗୋଲାପି ଗୋଲାପି ଚିଖ୍‌ଖଲ ଚମ୍ ତଳେ

କର୍କଟ ଜିବାଣୁଙ୍କ ମୋଗଲି ପ୍ରକୋଷ୍ଠ;

ଆକୃଷ୍ଟ ଅନେକ ମତ ଜାନୁଆରଙ୍କର

ତୁମର ରଙ୍ଗିଲା ଓଷ୍ଠ ଉପରେ

ଅନାସକ୍ତ ବିଷାକ୍ତ ଦଂଶନ ।

ଅପ୍ରାକୃତ ପ୍ରେମମୂର୍ତ୍ତି

ତୁମେ ଯେବେ ରାଧା ସାଜି

ହାଜିର ବାହୁରେ ବାହୁ ଛନ୍ଦିଦେଲ,

ବନ୍ଦୀ କଲ ଚିତ୍ତଚୋରକୁ

ମର୍ତ୍ତ୍ୟର ନନ୍ଦନେ

ଶ୍ରୀନଗର ବୃନ୍ଦାବନେ,

www.jatayu.org

# ମୁକ୍ତି ସୂର୍ଯ୍ୟ ସ୍ମରଣିକା

କବି ରଘୁନାଥ ଦାସ

ବିଶ୍ବବନ୍ଦୀନୀ ତୁମେ ହଜିଥିଲ

ମାଂସର ବିଳାପେ

ତୁମ ସ୍ନାୟୁଲତାରେ ସେବେଠାରୁ

ଜଳୁଛି ହଳାହଳ ଦୁର୍ନିବାର...

ସବୁ ମୋର ଏକ୍ସ-ରେ ପ୍ଲେଟରେ ଧରାପଡ଼େ,

ଏ ମୋର କ୍ଲିନିକ୍ ରେକ୍ର୍ଡ଼-

ମୁଁ ଡ଼ାକ୍ତର ତଥାଗତ:

ମୋର ନିରୀକ୍ଷାଗାରରେ ବସି

ତୁମ ସଭ୍ୟତାର ଇତିହାସ ଲେଖେ ।

ତୁମ ସଭ୍ୟତାର ବ୍ୟବଚ୍ଛେଦ କରି

ମୋ କ୍ଲିନିକ୍ ରେର୍କ୍ଡ଼ରେ

ରଖିଗଲି ଯେ ଟାଇମ୍ କ୍ୟାପ୍ସୁଲ

କେହି ଦିନେ ତାହାରି ସୂତ୍ର ଧରି

ତୁମ ପୁଷ୍ପମାଲ୍ୟର ମୂଲ୍ୟାୟନ କରିବ,

କଷିବ ତୁମ କଥା ଓ କାମର

ଠିକ୍ ଆଉ ଭୁଲ୍, ମିଛ ସତ,

ମୁଁ ଡ଼ା:ତଥାଗତ;

www.jatayu.org

ମୋ ଡ଼ାଏରୀ;

ସ୍ବପ୍ନପୁରୀର ପ୍ରବନ୍ଧ ପ୍ରେମସୁଧାନିଧି ।

www.jataayu.org